# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା

(ସ୍ୱତନ୍ତ୍ର ଭୂ-ଅର୍ଜନ ପ୍ରକୋଷ୍ଠ)

ଆଦେଶ ସଂଖ୍ୟା - ୯୩୪୦ /୨୦୨୩ ତା ୧୮ /୦୯/୨୦୨୩ ରିଖ

ଏତଦ୍ୱାରା ନିମ୍ନଲିଖିତ ଗ୍ରାମର ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ରାୟଗଡା ଜିଲ୍ଲାର ବେଦାନ୍ତ ଆଲୁମିନିୟମ ଶିଳ୍ପ ସଂସ୍ଥା ନିମନ୍ତେ Y-Connection ରେଳ ଧାରଣା ପାଇଁ ଗ୍ରାମ-ଆନାଯୋଡିର ରକବା ୪.୬୬୩ ଏକର ଭୂମି ଅଧିଗ୍ରହଣ ପାଇଁ ଓଡିଶା ରାଜ୍ୟ ପ୍ରଭାବ ଆକଳନ ୟୁନିଟ SRUSHTI, ଖୋର୍ଦ୍ଧାଙ୍କ ମାଧ୍ୟମରେ ଏକ ପ୍ରାରୂପୀ ସାମାଜିକ ପ୍ରଭାବ ବିବରଣୀ (Draft SIA Report) ପ୍ରସ୍ତୁତ କରିଛନ୍ତି । ଉକ୍ତ ବିବରଣୀ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ନେବା ନିମନ୍ତେ ନିମ୍ନସୂଚୀ ଅନୁଯାୟୀ ସମ୍ପୃକ୍ତ ସରପଞ୍ଚଙ୍କ ସଭାପତିତ୍ୱରେ ଜନଶୁଣାଣୀ ଆୟୋଜିତ ହେବାର ସ୍ଥିରୀକୃତ ହୋଇଛି । ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ଉକ୍ତ ଜନଶୁଣାଣୀରେ ଉପସ୍ଥିତ ରହି ସାମାଜିକ ପ୍ରଭାବ ଉପରେ ନିଜ ମତାମତ ଉପସ୍ଥାପନ କରିପାରିବେ । ସାମାଜିକ ଆକଳନ ବିବରଣୀ (Draft SIA Report) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପ- ଜିଲ୍ଲାପାଳ, ଗୁଣୁପୁରଙ୍କ କାର୍ଯ୍ୟାଳୟ ଏବଂ ତହସିଲ କାର୍ଯ୍ୟାଳୟ, ମୁନିଗୁଡା ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଟେ ।

## ଜନଶୁଣାଣୀ କାର୍ଯ୍ୟସୂଚୀ

| ପ୍ରଭାବିତ ଗ୍ରାମ | ତହସିଲ | ଦିନାଙ୍କ | ସମୟ | ସ୍ଥାନ |
|---|---|---|---|---|
| ଆନାଯୋଡି<br>ପଞ୍ଚାୟତ-ଆମ୍ବଦୋଳା | ମୁନିଗୁଡା | ୨୬.୦୯.୨୦୨୩ | ଦିବା ୧୧.୦୦ | ଆନାଯୋଡି |

ଜିଲ୍ଲାପାଳ, ରାୟଗଡା

ପରିପତ୍ର ସଂଖ୍ୟା- ୯୩୪୧/୨୦୨୩ ତା- ୧୮ /୦୯/୨୦୨୩

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ଗୁଣୁପୁରଙ୍କ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ରାୟଗଡା

ପରିପତ୍ର ସଂଖ୍ୟା- ୯୩୪୨/୨୦୨୩ ତା- ୧୮ /୦୯/୨୦୨୩

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁନିଗୁଡାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣୀ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ରାୟଗଡ

ପରିପତ୍ର ସଂଖ୍ୟା- ୧୩୪୩ /୨୦୨୩ ତା- ୧୮ /୦୯/୨୦୨୩

ଏହାର ଏକକିତା ନକଲ CGM (Land), IDCO, ଭୁବନେଶ୍ବରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ରାୟଗଡା

ପରିପତ୍ର ସଂଖ୍ୟା- ୧୩୪୪ /୨୦୨୩ ତା- ୧୮ /୦୯/୨୦୨୩

ଏହାର ଏକକିତା ନକଲ Cooridnator, State SIA Unit, NCDS, ଭୁବନେଶ୍ବରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣୀ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ରାୟଗଡା

ପରିପତ୍ର ସଂଖ୍ୟା- ୧୩୪୫ /୨୦୨୩ ତା- ୧୮ /୦୯/୨୦୨୩

ଏହାର ଏକକିତା ନକଲ ସରପଞ୍ଚ, ଆମ୍ବଦୋଳାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ରାୟଗଡା

ପରିପତ୍ର ସଂଖ୍ୟା- ୧୩୪୬ /୨୦୨୩ ତା- ୧୮ /୦୯/୨୦୨୩

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ଗ୍ରାମବାସୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ରାୟଗଡା

ପରିପତ୍ର ସଂଖ୍ୟା- ୧୩୪୭ /୨୦୨୩ ତା- ୧୮ /୦୯/୨୦୨୩

ଏହାର ଏକକିତା Associative Vice President & Head, ବେଦାନ୍ତ ଆଲୁମିନିୟମ ଲିମିଟେଡଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରାଗଲା ।

ଜିଲ୍ଲାପାଳ, ରାୟଗଡା